मन की बात 100

MANN KI BAAT 100

# ମନ୍ କୀ ବାତ୍

ସଂଖ୍ୟା. 2



# ମନ୍ କୀ ବାତ୍

## ସଂଖ୍ୟା. 2

**Authors**
Sharda Mohan and Shashi Mukherjee

**Illustrations and Cover Art**
Dilip Kadam

**Assistant Artist**
Ravindra Mokate

**Production**
Amar Chitra Katha

**Published by**
Amar Chitra Katha Pvt. Ltd

Odiya

ISBN – 978-81-19242-57-3

Amar Chitra Katha Pvt. Ltd, June 2023

© Ministry of Culture, Govt of India, June 2023
All rights reserved. This book is sold subject to the condition that the publication may not be reproduced, stored in a retrieval system (including but not limited to computers, disks, external drives, electronic or digital devices, e-readers, websites), or transmitted in any form or by any means (including but not limited to cyclostyling, photocopying, docutech or other reprographic reproductions, mechanical, recording, electronic, digital versions) without the prior written permission of the publisher, nor be otherwise circulated in any form of binding or cover other than that in which it is published and without a similar condition being imposed on the subsequent purchaser.

You can now get ACK stories as part of your classroom with **ACK Learn**, a unique learning platform that brings these stories to your school with a range of workshops. Find out more at **www.acklearn.com** or write to us at **acklearn@ack-media.com**.



କୋଭିଡ-୧୯ ମହାମାରୀର ସବୁଠୁ ଖରାପ ସମୟକୁ ଆମେ ସାମ୍ନା କରିଛୁ । ଏହି ସମୟରେ ଆମେ ନିଜ ପରିବାର ଲୋକଙ୍କ ସହିତ ଦୀର୍ଘ ସମୟ ପର୍ଯ୍ୟନ୍ତ ଘର ଭିତରେ ରହିବାକୁ ବାଧ ହୋଇଛୁ । ଆମ ଭିତରୁ କେତେକଙ୍କ ପାଇଁ, ଏହା ଏକ  ଭଲ ସମୟ କାରଣ ଏହି ସମୟରେ ଆମ ମାତାପିତା ଓ ଭାଇଭଉଣୀ ତଥା ଆମ ସହିତ ରହୁଥିବା ଲୋକଙ୍କ ସହ ଆମେ ଅଧିକ ନିକଟତର  ହେବାର ସମୟ ପାଇଛୁ । କିନ୍ତୁ ଆମ ଭିତରୁ ଅନେକଙ୍କ ପାଇଁ, ଏହା ଏକ କଷ୍ଟକର ସମୟ ଥିଲା । ଆପଣ ଦିନକୁ ଦିନ ପରସ୍ପର ସହିତ ଏତେ ନିକଟତର କିପରି ରହିଥାନ୍ତି?

"ଦୁର୍ଭାଗ୍ୟବଶତଃ, ସାମ୍ପ୍ରତିକ ସମୟରେ ଆମେ ଅନୁଭବ କରୁଛୁ ଯେ ଗୋଟିଏ ପରିବାର ଭାବେ ଆମକୁ ବାନ୍ଧି ରଖୁଥିବା ଆମର କେତେକ ପରମ୍ପରା ପ୍ରତି ଅନେକ ବର୍ଷ ହେବ ଅବହେଳା କରାଯାଇ ଆସୁଛି । ଏସବୁ ପରମ୍ପରା ବିନା କିଛି ପରିବାର ଏକାଠି ରହିବାର ଖୁସିକୁ ଅନୁଭବ କରିବାରେ ସକ୍ଷମ ହୋଇନଥାନ୍ତି ।"

"ଆମକୁ ଗୋଟିଏ ପରିବାର ଭାବେ ବାନ୍ଧି ରଖୁଥିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ପରମ୍ପରା ମଧ୍ୟରୁ ଗୋଟିଏ ହେଉଛି  କାହାଣୀ କହିବା । ଅତୀତରେ, ପରିବାରର ବରିଷ୍ଠ ଲୋକମାନେ ପିଲାମାନଙ୍କୁ ଗପ, କାହାଣୀ କହିବାରେ ସମୟ ବିତାଉଥିଲେ । ଏହାଦ୍ୱାରା ପରିବାର ମଧ୍ୟରେ ଖୁସି, ଉତ୍ସାହ ଏବଂ  ଏକତା ଭାବନା ସୃଷ୍ଟି ହେଉଥିଲା ।"

କାହାଣୀଗୁଡ଼ିକ ସୃଜନଶୀଳତା ଏବଂ ସମ୍ବେଦନଶୀଳତା ଆଣିଥାନ୍ତି । ଯେଉଁଠି ଏକ ଆତ୍ମା ରହିଛି ସେଠାରେ ଏକ କାହାଣୀ ରହିଛି । ମୁଁ  ଯେତେବେଳେ ଛୋଟ ଥିଲି, ମୁଁ ସାରା ଭାରତ ଭ୍ରମଣ କରିଥିଲି, ଗୋଟିଏ ଗାଁରୁ ଆଉ ଗୋଟିଏ ଗାଁକୁ ଯାଉଥିଲି । ଏହି ଭ୍ରମଣ ସମୟକୁ ମୁଁ ଗାଁ ପିଲାଙ୍କ ସହିତ କଥା ହେବାରେ ବିତାଉଥିଲି । ମୁଁ ସେମାନଙ୍କୁ ସବୁବେଳେ ମୋତେ ଏକ କାହାଣୀ କହିବା ପାଇଁ କହୁଥିଲି ।

ସେମାନେ ଉତ୍ତର ଦେଉଥିଲେ, " ନା ଅଙ୍କଲ୍, ଆମେ ଆପଣଙ୍କୁ ହସକଥା ଶୁଣେଇବୁ । ଆଉ, ଆପଣ ବି ଆମକୁ ହସକଥା କୁହନ୍ତୁ ।" ମୁଁ ଏହା ଜାଣି ଆଶ୍ଚର୍ଯ୍ୟ ହୋଇଯାଉଥିଲି ଯେ ଏହି ପିଲାମାନେ କାହାଣୀ ଶୁଣିବାର ଖୁସି ସମ୍ପର୍କରେ ଅବଗତ ନାହାନ୍ତି! ଭାରତରେ କାହାଣୀ କହିବାର ଏହି ପରମ୍ପରା ପ୍ରାଚୀନ କାଳରୁ ରହିଆସିଛି । ତାହା ପଞ୍ଚତନ୍ତ୍ରର କାହାଣୀ ହେଉ,  ହିତୋପଦେଶ କିମ୍ବା କିସ୍‌ସା ଗୋଇ* । ଜ୍ଞାନର କଥାକୁ ଭଲ ଭାବେ ବୁଝାଇବା ପାଇଁ ପଶୁ ଓ ପକ୍ଷୀଙ୍କ କାହାଣୀ କୁହାଯାଉଥିଲା ଏବଂ ଧାର୍ମିକ କାହାଣୀଗୁଡ଼ିକୁ ଆମକୁ ମୂଲ୍ୟବୋଧ ଶିଖାଉଥିଲା ।

"ଆଜି ଅନେକ ଲୋକ ସେମାନଙ୍କର ନିଜସ୍ୱ କାହାଣୀ କହିବା ପ୍ଲାଟଫର୍ମ ଆରମ୍ଭ କରିଛନ୍ତି । ଅମର ବ୍ୟାସ ଏବଂ  ତାଙ୍କ ବନ୍ଧୁମାନେ Gaathastory.in ଆରମ୍ଭ କରିଛନ୍ତି । ବୈଶାଳୀ ବ୍ୟବହାରେ ଦେଶପାଣ୍ଡେ ଏପରି କାହାଣୀକୁ ଲୋକପ୍ରିୟ କରାଇଛନ୍ତି  ଯାହା ଗାଁର ଲୋକକଥା ଏବଂ ଚାଷୀଙ୍କ ଉପରେ ଆଧାରିତ । ବେଙ୍ଗାଲୁରୁର ବିକ୍ରମ ଶ୍ରୀଧର ଏମିତି ଜଣେ କାହାଣୀକାର ଯିଏକି ବାପୁ^ଙ୍କୁ ନେଇ କାହାଣୀ କହିବାରେ ବିଶେଷ ଆଗ୍ରହୀ । ଚେନ୍ନାଇର ଶ୍ରୀବିଦ୍ୟା ବୀର ରାଘବନ ଏବଂ  Kathalaya.orgର ଗୀତା ରାମାନୁଜମ ପ୍ରମୁଖ ଚମତ୍କାର କାହାଣୀକାର ଯେଉଁମାନଙ୍କ ବିଷୟରେ ଆପଣ ଜାଣିବା ଉଚିତ୍ ।"

ଆସନ୍ତୁ ଆମେ ନାୟାର ସାରଙ୍କ ସହିତ ଯୋଡ଼ି ହେବା, କାରଣ ସେ ଆମକୁ କାହାଣୀକାରଙ୍କ ବିଷୟରେ ଅଧିକ କାହାଣୀ କହିବେ ।

ଏଥିସହିତ ମୋ ମନ କୀ ବାତ୍ କାର୍ଯ୍ୟକ୍ରମରୁ ଆଉ କେତେଜଣ ପ୍ରେରଣାଦାୟୀ ବ୍ୟକ୍ତିବିଶେଷଙ୍କ ବିଷୟରେ ମଧ କଥା ହେବା ।



** ପ୍ରାଚୀନ ଉର୍ଦ୍ଦୁ କାହାଣୀ କହିବାର କଳା*

*^ମହାତ୍ମା ଗାନ୍ଧୀ*

# ସୂଚୀପତ୍ର


| | | |
|---|---|---|
| 1 | କାହାଣୀ ବିଷୟରେ କଥା | 3 |
| 2 | ବୀରେନ୍ଦ୍ର ଯାଦବ | 7 |
| 3 | ଉଷା ଦୁବେ | 10 |
| 4 | ଟି. ଶ୍ରୀନିବାସାଚାର୍ଯ୍ୟ | 13 |
| 5 | ଅନୁଦୀପ ଏବଂ ମୀନୁଷା | 15 |
| 6 | ସଲମାନ | 18 |
| 7 | ଏନ. ଏସ. ରାଜପ୍ପାନ | 20 |
| 8 | ସି. ଭି. ରାଜୁ | 23 |
| 9 | ଭାଗୀରଥୀ ଆମ୍ମା | 26 |
| 10 | ରାଜେନ୍ଦ୍ର ଯାଦବ | 28 |
| 11 | ଗାୟତ୍ରୀ | 30 |

# କାହାଣୀ ବିଷୟରେ କଥା


ଖରା ଛୁଟି ଶେଷ ହୋଇସାରିଛି ଏବଂ ପିଲାମାନେ ବିଦ୍ୟାଳୟକୁ ଫେରି ଆସିଛନ୍ତି
ସୁପ୍ରଭାତ ଇକବାଲ! ମୋ ପାଇଁ ଅପେକ୍ଷା କର।
ହାଏ ଶ୍ରେୟସ! ତୁମକୁ ଦେଖି ଖୁସି ଲାଗିଲା।
ସୁପ୍ରଭାତ, ନାୟାର ସାର୍!
ଶୁଭ ସକାଳ, ଶାରଦା। ସୁପ୍ରଭାତ, ଛାତ୍ରମାନେ! ମୁଁ ତୁମମାନଙ୍କୁ ସବୁଦିନ ଭଳି ଶେଷ ପିରିୟଡରେ ଦେଖା କରିବି।"
ଅନେକ ଗୁଡ଼ିଏ କାହାଣୀ ନେଇ?
ହା ହା ହା! ହଁ, ବହୁତ ଗୁଡ଼ିଏ କାହାଣୀକୁ ନେଇ ।
ନାୟାର ସାର୍‌ଙ୍କୁ ସବୁ ପିଲା ଅଧିକ ଭଲ ପାଆନ୍ତି କାରଣ ସେ ପିଲାମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ମନ କୀ ବାତ୍ କାର୍ଯ୍ୟକ୍ରମରୁ ଅତି ରୋଚକ କାହାଣୀ ସବୁ କହିଥାନ୍ତି।
ନିଶ୍ଚିତ ରୂପରେ, ସବୁବେଳ ଭଳି ଦିନର ଶେଷରେ ସେ ଏକ ଖୋଲା ହସ ସହିତ ପିଲାମାନଙ୍କ ପାଖକୁ ଆସିଲେ।
ନାୟାର ସାର୍, ଆଜିର କାହାଣୀ କେଉଁ ବିଷୟରେ?
ଆଜିର କାହାଣୀ ହେଉଛି କାହାଣୀଗୁଡ଼ିକ ବିଷୟରେ।
ତାହା କିପରି ହୋଇପାରିବ?


ନାୟାର ସାର ସମସ୍ତଙ୍କୁ ସେମାନଙ୍କ ଆସନ ଆଡ଼କୁ ହାତ ହଲାଇ ଅଭିବାଦନ ଜଣାଇଲେ। ଯେତେବେଳେ ସେମାନେ ସବୁ ବସିପଡ଼ିଲେ-
ଥରେ, ମହାମାରୀ ଲକଡାଉନ ସମୟରେ, ଆମ ପ୍ରଧାନମନ୍ତ୍ରୀ ବେଙ୍ଗାଲୁରୁର କେତେଜଣ କାହାଣୀକାରଙ୍କ ଏକ ଦଳ ସହିତ କଥା ହୋଇଥିଲେ। ସେମାନେ ସମସ୍ତେ ଏକ ଦଳରେ ଅନ୍ତର୍ଭୁକ୍ତ ଥିଲେ ଯାହାର ନାଁ ଥିଲା ବାଙ୍ଗାଲୋର ଷ୍ଟୋରୀଟେଲିଂ ସୋସାଇଟୀ।


ସେହି ଦଳରେ ଥିଲେ ଆତ୍ରେୟ, ଶୈଳଜା ସମ୍ପଦ, ସୌମ୍ୟା ଶ୍ରୀନିବାସ, ଅପର୍ଣ୍ଣା ଜୟଶଙ୍କର ଏବଂ ଲାବନ୍ୟ ପ୍ରସାଦ। ସେମାନଙ୍କ ମଧ୍ୟରୁ ସମସ୍ତେ ଜଣେ ଜଣେ ପେସାଦାର, ଯେଉଁମାନଙ୍କର କାହାଣୀ କହିବାର ଏକ ଅଦ୍ଭୁତ ଆଗ୍ରହ ରହିଛି ।
ଏପରିକି, ଲାବନ୍ୟ ପ୍ରସାଦ ବୟସ୍କ ଲୋକମାନଙ୍କ ସହିତ ବସନ୍ତି ଏବଂ ସେମାନଙ୍କର କାହାଣୀଗୁଡ଼ିକୁ ସେମାନଙ୍କ ପରିବାର ପରିବାର ପାଇଁ ଲେଖିଥାନ୍ତି!
ହଁ, ମୋର ଜେଜେବାପା ମୋତେ ଭାରତର ସ୍ୱାଧୀନତା ହାସଲ କରିବାର ଦିନ ସମ୍ପର୍କରେ କାହାଣୀ କହିଛନ୍ତି । ସେତେବେଳେ ସେ ଜଣେ ଛୋଟ ବାଳକ ଥିଲେ ତଥାପି ମୁମ୍ବାଇରେ ନିଜର ମାତାପିତାଙ୍କ ସହ ଟ୍ରାମ୍ ଚଢ଼ି ବୁଲିବା କଥା ତାଙ୍କର ମନେ ଅଛି । ସେତେବେଳେ ମାଗଣାରେ ବୁଲିବାର ସୁବିଧା ଥିଲା।


ମୋର ଜେଜେବାପା ସେନାବାହିନୀରେ ଥିଲେ। ସେ ମୋତେ ଭାରତ-ଚୀନ ଯୁଦ୍ଧ ବିଷୟରେ ଅନେକ କାହାଣୀ କହିଛନ୍ତି, ଯେଉଁଥିରେ ସେ ମଧ୍ୟ ଲଢ଼ିଥିଲେ।
ମୁଁ ମୋ ପରିବାର କାହାଣୀଗୁଡ଼ିକୁ ମଧ୍ୟ ଖୋଜିବା ପାଇଁ ଯାଉଛି।


ତାହା ଏକ ଚମତ୍କାର ବିଚାର। ଆସନ୍ତୁ ଆମ ପରିବାରର ବୟସ୍କ ଲୋକମାନଙ୍କ ଠାରୁ କାହାଣୀ ଶୁଣିବା ଏବଂ ତାଙ୍କୁ ଆମ ଶ୍ରେଣୀରେ ସମସ୍ତଙ୍କୁ କହିବା। ଏବେ, ମୁଁ ତୁମମାନଙ୍କୁ ଏମିତି ଏକ କାହାଣୀ ଶୁଣାଇବି ଯାହାକୁ ସେଦିନ ମନ କୀ ବାତ୍ କାର୍ଯ୍ୟକ୍ରମରେ ଜଣେ କାହାଣୀକାର କହିଥିଲେ।
ହଁ ! ହଁ ଚାଲ ସେହି କାହାଣୀ ଶୁଣିବା।


ରାଜା କୃଷ୍ଣଦେବ ରାୟ ରାଗିଥିଲେ।
ସେହି ପୁରୁଣା ପନିପରିବା! ଲାଉ, କଖାରୁ, ଆଳୁ! ଏସବୁ ଖାଇ ଖାଇ ମୁଁ ବିରକ୍ତ ଓ ଅସୁସ୍ଥ ହୋଇପଡ଼ିଲିଣି। ରୋଷେୟାକୁ କିଛି ଅଲଗା କରିବାକୁ କୁହ ନହେଲେ ମୁଁ ତା'କୁ ଫାଶୀରେ ଝୁଲାଇ ଦେବି।
ଆରେ!
ନିରୀହ ରୋଷେୟା ଦୌଡ଼ି ଦୌଡ଼ି ରାଜାଙ୍କ ଉପଦେଷ୍ଟା, ତେନାଲୀ ରାମଙ୍କ ପାଖକୁ ଗଲା ଓ ତାଙ୍କୁ ନିଜ ସମସ୍ୟା ଜଣାଇଲା।
ମହାମହିମ ରାଜା ମୁଁ ତିଆରି କରୁଥିବା କିଛି ଜିନିଷରେ ସନ୍ତୁଷ୍ଟ ନୁହନ୍ତି, ସେ କହୁଛନ୍ତି ମୋତେ ଫାଶୀରେ ଝୁଲାଇ ଦେବେ
ହାଁ! ଚିତ୍କାର କରିବା ଛାଡ଼ ଓ ମୋ କଥା ଶୁଣ। ମୋ ପାଖରେ ଗୋଟିଏ ଯୋଜନା ଅଛି।
ପରଦିନ ମଧ୍ୟାହ୍ନ ଭୋଜନ ସମୟ-
ଏହା ଭଲ ଥିଲା, ଭଲ ଥିଲା ନା...
ବାଃ! ସୁଆଦିଆ!
ଏହି ସୁନ୍ଦର ପରିବାଟି କ'ଣ?
ମହାରାଜ, ଏହା ହେଉଛି ବାଇଗଣ। ଏହା ଆପଣଙ୍କ ଭଳି ଏକ ରାଜମୁକୁଟ ଏବଂ ବାଇଗଣୀ ରଙ୍ଗର ପୋଷାକ ପିନ୍ଧିଥାଏ!
ତେଣୁ ଏହି ନିଷ୍ପତ୍ତି ନିଆଗଲା। ଆଜି ଠାରୁ, ମୋ ରାଜ୍ୟରେ ସମସ୍ତେ କେବଳ ରାଜକୀୟ ବାଇଗଣ ସେବନ କରିବେ। ଏକଥା ଘୋଷଣା କରି ଦିଅ।
ଏଁ?
ଏହି ଯୋଜନା ତ' କାମ କରୁଛି!


ଶଗଡ଼ ଭର୍ତ୍ତି କରି ବାଇଗଣ ରାଜ୍ୟ ମଧ୍ୟକୁ ଅଣାଗଲା ଏବଂ ଅନ୍ୟ ସବୁ ପରିବା ଅଦୃଶ୍ୟ ହୋଇଗଲା।
ରାଜମହଲ ଏବଂ ସବୁ ଘରେ ବିଭିନ୍ନ ପଦ୍ଧତିରେ, ବାଇଗଣ ରନ୍ଧା ଗଲା।
ମୁଁ ଆଜି ବାଇଗଣରେ ସାମ୍ବର ତିଆରି କରିଛି। ଆସନ୍ତାକାଲି ପାଇଁ, ମୁଁ ବାଇଗଣ ଭରତା କରିବି। ପଅରଦିନ ପାଇଁ, ଆମେ ବାଇଗଣ ଲଡ଼ୁ ତିଆରି କରି ଖାଇବୁ।
ଚମତ୍କାର!
କିନ୍ତୁ, ଖୁବ୍ ଶୀଘ୍ର-
ଏଠାରେ କିଛି ବାଇଗଣ ରାଇତା ଅଛି, ମହାରାଜ।
କିଛି ସୁଆଦିଆ ବାଇଗଣ ବିରିୟା....
ସେତିକି ଥାଉ! ଆଉ ବାଇଗଣ ନୁହେଁ। ମୋ ରାଜ୍ୟରୁ ବାଇଗଣକୁ ସମ୍ପୂର୍ଣ୍ଣ ଭାବେ ନିର୍ବାସିତ କର!
ପରେ -
ମୋର ପୁରୁଣା ପରିବାଗୁଡ଼ିକ ଫେରିଆସିଲା! ତୁମେ କରି ଦେଖାଇଲ! ସେହି ଯୋଜନା କାମ କରିଗଲା।
ହେ ହେ! ଯଦି ମୋ ରାଜାଙ୍କୁ କେମିତି ଖୁସି କରିବାକୁ ହେବ ତାହା ମୁଁ ଜାଣେ ନାହିଁ ତା'ହେଲେ ମୁଁ କିପରି ମନ୍ତ୍ରୀ ହୋଇପାରିବି?




*ଶସ୍ୟ ଅମଳ କରାଯିବା ପରେ ଜମିରେ ବଳକା ରହିଯାଇଥିବା ନଡ଼ା ଏବଂ ଗଛର ଅନ୍ୟାନ୍ୟ ଭାଗ

^ବାପା




*ଏପରି ଏକ ମେସିନ ଯାହା ନଡ଼ାକୁ ଭିଡ଼ି ବିଡ଼ା କରି ବାନ୍ଧି ଦେଇଥାଏ
^ଉଦ୍ଭିଦ ଏବଂ ପ୍ରାଣୀଙ୍କ ବର୍ଜ୍ୟକୁ ଜାଳି ବାହାର କରାଯାଉଥିବା ଇନ୍ଧନ

** କୃଷିଭିତ୍ତିକ ଗତିବିଧି ଜରିଆରେ ବିଦ୍ୟୁତ ଶକ୍ତି ଉତ୍ପାଦନ କରୁଥିବା କାରଖାନାଗୁଡ଼ିକ


ପରବର୍ତ୍ତୀ କିଛି ବର୍ଷ ପର୍ଯ୍ୟନ୍ତ, ଆହୁରି ଅନେକ ଚାଷୀ ବୀରେନ୍ଦ୍ରଙ୍କ ଏହି ଅଭିଯାନରେ ସାମିଲ ହେଲେ।
ମୁଁ ଏକ କୃଷି ସମିତି ଆରମ୍ଭ କରୁଛି ଯେଉଁଥିରେ ଆମେ ସମସ୍ତେ ସାମିଲ ହୋଇପାରିବା। ଏହି ସମିତି, ଜରିଆରେ, ଆମେ ସରକାରଙ୍କ ଠାରୁ ଶସ୍ତା ଦରରେ କୃଷିଭିତ୍ତିକ ଉପକରଣ ପାଇପାରିବା।
ଖୁବ୍‌ଶୀଘ୍ର ସେ ଏକ ଦ୍ୱିତୀୟ ସମିତି ଆରମ୍ଭ କଲେ ଏବଂ କୃଷି ଏବଂ କୃଷକ କଲ୍ୟାଣ ବିଭାଗ ଠାରୁ ୫୦ ପ୍ରତିଶତ ସବସିଡି ଦରରେ ବିଭିନ୍ନ ଉପକରଣ ପାଇପାରିଲେ। କମ୍ ଖର୍ଚ୍ଚର ଅର୍ଥ ହେଉଛି ଅଧିକ ଲାଭ।


ସାରା ରାଜ୍ୟରେ ଏପରି ପ୍ରୟାସର ଖବର ବ୍ୟାପିଗଲା।
ନମସ୍କାର, ମୁଁ ହେଉଛି ସୁଜନ ସିଂ, କୈଥାଲ ଉପ ଆୟୁକ୍ତ। ଆପଣ ଯେଉଁ ପ୍ରେରଣାଦାୟୀ କାର୍ଯ୍ୟ କରିଛନ୍ତି ସେଥିପାଇଁ ଆପଣଙ୍କୁ ଅଭିନନ୍ଦନ।
ପୁଅ, କୃଷି ବିଭାଗ ଉପ ନିର୍ଦ୍ଦେଶକ ଶ୍ରୀ କରମ ଚାନ୍ଦ, ଏବେ ଫୋନ୍ କରିଥିଲେ, ତୁମ କାମକୁ, ସେ ଖୁବ ପ୍ରଶଂସା କରିଛନ୍ତି।


ଗ୍ରୀଷ୍ମ ଋତୁରେ, ଯେତେବେଳେ ନଡ଼ା ଅମଳ ହେବାର ସମୟ ଆସିଯାଏ, ବୀରେନ୍ଦ୍ର ଯାଦବ ନିଜର ସହାୟତା ପାଇଁ 200ରୁ ଅଧିକ ଲୋକଙ୍କୁ ନିଯୁକ୍ତ କରିଥାନ୍ତି।
ମୁଁ ତୁମକୁ ନେଇ ବହୁତ ଗର୍ବିତ, ପୁଅ। ତୁମେ ବର୍ଜ୍ୟକୁ ସମ୍ପଦରେ ପରିଣତ କରି ଦେଇଛ।


ମୁଁ ଆହୁରି ଖୁସି ଯେ ନଡ଼ା ଜାଳିବାର ସମସ୍ୟା ଦୂର ହୋଇପାରିଛି। ଶେଷରେ, ବାୟୁମଣ୍ଡଳ ସ୍ୱଚ୍ଛ ଅନୁଭୂତ ହେଉଛି।
ପ୍ରକୃତରେ ଏହା ହୋଇପାରିଛି। ତୁମ ମା'ଙ୍କର ସ୍ୱାସ୍ଥ୍ୟରେ ସୁଧାର ଆସିଛି।
ବୀରେନ୍ଦ୍ର ଯାଦବଙ୍କ କାହାଣୀ କହିବା ସମୟରେ, ପ୍ରଧାନମନ୍ତ୍ରୀ କହିଥିଲେ ଯେ ନଡ଼ା ଭଳି ସମସ୍ୟାପୂର୍ଣ୍ଣ ବର୍ଜ୍ୟକୁ ଯେପରି ଭାବେ ଉପଯୋଗୀ ଇନ୍ଧନରେ ପରିଣତ କରାଯାଇଛି, ତାହା ବାସ୍ତବରେ ଉଲ୍ଲେଖନୀୟ।


ଉଷା ଦୁବେ
ଦିଲ୍ଲୀରେ ଏକ ଗରମ ଦିନ ଥିଲା।
ଉଃ.... ଏମିତି ଏକ ଦିନରେ ସ୍କୁଲରୁ ଫେରିବା ଅତ୍ୟନ୍ତ ଚିନ୍ତାଜନକ।
ମୁଁ ଜାଣେ! ଅନଲାଇନ୍ କ୍ଲାସ୍ ଏହାଠାରୁ କେତେ ଭଲ ଥିଲା!
ଯେତେବେଳେ ଆମର ଅନଲାଇନ୍ କ୍ଲାସ୍ ହେଉଥିଲା ସେଥିରେ ମଧ୍ୟ ତୁମେ ବିଭିନ୍ନ ପ୍ରକାରର ଅଭିଯୋଗ ଆଣୁଥିଲ!
ଅନଲାଇନ୍ କ୍ଲାସଗୁଡ଼ିକ ତୁମ ପାଇଁ ନିଶ୍ଚିତ ଭାବେ ଭଲ ହୋଇପାରେ, କିନ୍ତୁ ଶତାଧିକ ପିଲାମାନଙ୍କୁ କ୍ଷତି ସହିବାକୁ ପଡ଼ିଛି! ଆଜିର ଶେଷ ଅଧ୍ୟାୟରେ ମୁଁ ତୁମମାନଙ୍କୁ 'କିତାବୱାଁଲୀ ଦିଦି'ଙ୍କ ବିଷୟରେ କହିବି।
ହୁର୍‌ରେ, ଆଉ ଏକ ମନ କୀ ବାତ୍ କାହାଣୀ!
କୋଭିଡ-19 ମହାମାରୀ ସମୟରେ ଯେତେବେଳେ ଲକଡାଉନ ଆରମ୍ଭ ହୋଇଥିଲା, ମଧ୍ୟପ୍ରଦେଶ ସିଙ୍ଗରୌଲିର ଜଣେ ସ୍କୁଲ ଶିକ୍ଷୟିତ୍ରୀ ଉଷା ଦୁବେ ଚିନ୍ତିତ ହୋଇପଡ଼ିଲେ।
ଅନଲାଇନ୍ କ୍ଲାସ୍? ଆମ ପିଲାମାନଙ୍କ ପାଖରେ କୌଣସି ଡିଭାଇସ କିମ୍ବା ଇଣ୍ଟରନେଟ୍ ନାହିଁ ଯାହାଫଳରେ ସେମାନେ ଅନଲାଇନ୍ କ୍ଲାସ୍‌ରେ ଯୋଗ ଦେଇପାରିବେ। ସେମାନେ କିପରି ପଢ଼ିବେ?
ତାଙ୍କର ଏହି ଚିନ୍ତା ପିଲାମାନଙ୍କ ଠାରେ ମଧ୍ୟ ଦେଖିବାକୁ ମିଳିଥିଲା।
ତୁମର ପାଠପଢ଼ା କେମିତି ଚାଲିଛି ମହିମା?
ମୁଁ ମନ ଦେଇ ପଢ଼ିବାକୁ ଚେଷ୍ଟା କରୁଛି, କିନ୍ତୁ ଅନଲାଇନ କ୍ଲାସ ବୁଝିବା ପାଇଁ କଷ୍ଟକର ହେଉଛି, ତେଣୁ ମୁଁ ଛାଡ଼ି ଦେଉଛି। ସମସ୍ତେ ଘରେ ରହୁଛନ୍ତି, ସେଥିରେ ମଧ୍ୟ ମୋର ଧ୍ୟାନ ଭାଙ୍ଗିଯାଉଛି।


ନିଜ ଛାତ୍ରୀ ମହିମା ସିଂଙ୍କ ସହିତ ଉଷାଙ୍କ ଆଲୋଚନାରୁ ଏକ ଭଲ ଉପାୟ ଜନ୍ମ ନେଲା।
ମହିମା, ଯଦି ପିଲାମାନେ ସ୍କୁଲ୍‌କୁ ଯାଇପାରିବେ ନାହିଁ, ତା'ହେଲେ ଚାଲ ସ୍କୁଲକୁ ତାଙ୍କ ପାଖକୁ ନେଇଯିବା।
ଆପଣ କ'ଣ କହିବାକୁ ଚାହୁଁଛନ୍ତି ମିସ୍?
ତାଙ୍କ ସ୍କୁଟର ବ୍ୟବହାର କରି, ଉଷା ତାଙ୍କର ଛାତ୍ରଛାତ୍ରୀଙ୍କ ପାଇଁ ଏକ ଭ୍ରାମ୍ୟମାଣ ପାଠାଗାର ପ୍ରତିଷ୍ଠା କଲେ।
ଏହା ଏକ ଭଲ ଉପାୟ!
ଉଷା ଓ ମହିମା ଗାଁକୁ ଗାଁ ବୁଲିଲେ, ପାଠାଗାର ପ୍ରତିଷ୍ଠା କଲେ ଏବଂ ପିଲାମାନଙ୍କୁ ପାଠ ପଢ଼ାଇଲେ।
ଧନ୍ୟବାଦ ମୋ ପାଖକୁ ଏହି ପାଠବହି ନେଇ ଆସିଥିବାରୁ!
ଆମର ହଜମ ଗ୍ରନ୍ଥିରେ ଖାଦ୍ୟ କିପରି ହଜମ ହୋଇଥାଏ ତାହା ତୁମେ ବୁଝିପାରିଲ କି?
ହଁ! ଗତ ସପ୍ତାହରେ ଆରମ୍ଭ ଅନଲାଇନ କ୍ଲାସରେ ଏ ବିଷୟରେ ପଢ଼ାଯାଇଥିଲା, କିନ୍ତୁ ଇଣ୍ଟରନେଟ୍ ଠିକରେ କାମ କରୁନଥିବାରୁ ମୁଁ କିଛି ବୁଝିପାରିନଥିଲି
ମହିମା ଦିଦି, ମୁଁ ଏହାକୁ ଠିକରେ ସମାଧାନ କରିଛି କି?
ହଁ, ଭଲ କରିଛ!




*'ହିନ୍ଦୀରେ ପୁସ୍ତକ ଦେଉଥିବା ଶିକ୍ଷୟିତ୍ରୀ

^ସାହସକୁ ସଲାମ




*ଜଣେ ଧାର୍ମିକ ନେତା କିମ୍ବା ଶିକ୍ଷକଙ୍କ ପାଇଁ ଏକ ସମ୍ମାନପୂର୍ଣ୍ଣ ସମ୍ବୋଧନ
^ପବିତ୍ର ଶବ୍ଦାବଳୀ ଓ ପଦ୍ୟଗୁଡ଼ିକ

**ଉପାସନା
^^ମନ୍ଦିରର ଦୈନନ୍ଦିନ ପରମ୍ପରା ଉପରେ ଏକ ପୁସ୍ତକ




*ତାମିଲରେ ପିତାଙ୍କ ନାମ

^ତାମିଲରେ ଜେଜେବାପାଙ୍କ ନାମ

# ଅନୁଦୀପ ଏବଂ ମୀନୁଷା


ଆଜି ଶ୍ରେଣୀଗୃହ ସଫା ଦେଖାଯାଉ ନାହିଁ । ଏପରିକି କରିଡର ମଧ ଅପରିଷ୍କାର ଲାଗୁଛି।
ସଫେଇ କରୁଥିବା ଦୁଇ ଜଣ ମହିଳା ଆଜି ଅସୁସ୍ଥ ଅଛନ୍ତି ସାର, ସେମାନେ ଗତ ଦୁଇ ଦିନ ହେବ ଆସୁନାହାନ୍ତି ।
ଆମେ ନିଜର ଶ୍ରେଣୀଗୃହ ସଫା କରିବାକୁ ଚେଷ୍ଟା କରିଥିଲୁ କିନ୍ତୁ, ସ୍କୁଲ୍ ଏତେ ବଡ଼ । ଆମେ କିପରି ପୂରା ସ୍କୁଲକୁ ସଫା କରିପାରିବୁ?
ଠିକ ଅଛି, ଯଦି ତୁମେମାନେ ସମସ୍ତେ ଏକାଠି ହୋଇଯିବ ଏବଂ ସବୁଦିନ ଅଳ୍ପ ଅଳ୍ପ ସ୍କୁଲକୁ ସଫା କରିବ ତା'ହେଲେ ପୂରା ସ୍କୁଲ୍ ସଫା ହୋଇଯିବ । ଆସ ମୁଁ ତୁମମାନଙ୍କୁ ଅନୁଦୀପ ଓ ମିନୁଷାଙ୍କ କଥା କହିବି ଯେଉଁମାନେ ମିଶି ଗୋଟିଏ ବେଳାଭୂମିକୁ ପୂରା ସଫା କରି ଦେଇଥିଲେ। ଏପରିକି ଆମର ପ୍ରଧାନମନ୍ତ୍ରୀଙ୍କୁ ସେମାନଙ୍କ କାହାଣୀ ଅନୁପ୍ରାଣିତ କରିଥିଲା।
ନଭେମ୍ବର 2020ରେ, କର୍ଣ୍ଣାଟକର ବୀନ୍ଦୁରରେ, ଅନୁଦୀପ ହେଗଡ଼େ ଏବଂ ମିନୁଷା କଞ୍ଚନ କିଛି ନିକଟ ସମ୍ପର୍କୀୟଙ୍କ ଉପସ୍ଥିତିରେ ବିବାହ କରିଥିଲେ ।
ସବୁବେଳ ପାଇଁ ଖୁସିର ରୁହ!
କୋଭିଡ-19 ସତ୍ତ୍ୱେ ଏହା ଏକ ସୁନ୍ଦର ସମାରୋହ ଥିଲା ।
ଖୁବଶୀଘ୍ର -
ମୁଁ ଭାବୁଥିଲି ଯେ ଆମର ହନିମୁନ୍ ପାଇଁ ଆମେ ଲାକ୍ଷାଦୀପ ଯିବା ଉଚିତ୍।
ମୁଁ ହିମାଚଳ ଯିବାକୁ ଭାବୁଥିଲି। କିନ୍ତୁ ସବୁଆଡ଼େ କୋଭିଡ ଥିବାରୁ ଏତେ ଦୂର ଯିବା ବିପଜ୍ଜନକ।
ଅନ୍ୟ କେଉଁଆଡ଼େ ଯାଇନପାରିବାରୁ, ଏହି ଦମ୍ପତି ସେମାନଙ୍କର ସନ୍ଧ୍ୟା ନିକଟବର୍ତ୍ତୀ ସୋମେଶ୍ୱର ବେଳାଭୂମିରେ ବିତାଇବାକୁ ନିଷ୍ପତ୍ତି ନେଲେ।
ମୋତେ ଏଠି ଭଲ ଲାଗୁଛି।
ହଁ । ଲକଡାଉନ୍ ସମୟରେ, ସୂର୍ଯ୍ୟ ଓ ବାଲିକୁ ନେଇ ସମୟ ବିତାଇବା ସେତେ ଖରାପ ନୁହେଁ।




* କର୍ଣ୍ଣାଟକର କୁନ୍ଦାପୁରାରେ ଦଳେ ବନ୍ଧୁମାନେ ମିଶି ଏକ ନାଗରିକ କୈନ୍ଦ୍ରିକ ସ୍ୱଚ୍ଛତା ଅଭିଯାନ ଆରମ୍ଭ କରିଥିଲେ। ଏବେ, ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ମିଶି ସେମାନଙ୍କ ରବିବାର ଦିନକୁ ଏହି କାମରେ ବିନିଯୋଗ କରୁଛନ୍ତି।


କିଛି ଦିନ ପରେ-
କିଛି ଖରାପ ନାହିଁ। ଲାଗୁଛି ଯେମିତି ଆମେ ଏକାଠି ମିଶି ବେଳାଭୂମିର ଏକ ବଡ଼ ଭାଗ ସଫା କରି ଦେଇଛୁ।
ଆମେ ବାସ୍ତବରେ କରିପାରିଛୁ। କିନ୍ତୁ ମୁଁ ଚାହୁଁଛି, ଅଧିକ ଲୋକ ଆମ ସହ ଯୋଗ ଦିଅନ୍ତୁ।
ମୁଁ ଏକ ମାର୍ଗ ଜାଣିଛି!
ଅନୁଦୀପ ସେମାନଙ୍କର ପ୍ରୟାସ ସମ୍ପର୍କରେ ସୋସିଆଲ ମିଡିଆରେ ପୋଷ୍ଟ କଲେ
ଖୁବଶୀଘ୍ର -
ମୁଁ ମଞ୍ଜୁନାଥ।
ମୁଁ ହସନ। ଆମେ ଏହି ସ୍ୱଚ୍ଛତା ଅଭିଯାନରେ ଆପଣମାନଙ୍କ ସହ ସାମିଲ ହେବାକୁ ଆସିଛୁ।
ତାହା ଖୁବ୍ ଭଲ କଥା!
ଖୁବଶୀଘ୍ର, ଅଧିକରୁ ଅଧିକ ଲୋକ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ସହ ଯୋଗ ଦେଲେ।
ସେମାନେ ସମସ୍ତେ ମିଶି, ବେଳାଭୂମିର ୫୦ ପ୍ରତିଶତ ଭାଗ ସଫା କରିଦେଲେ ଏବଂ ୫୦୦ କିଗ୍ରା ଆବର୍ଜନା ସଂଗ୍ରହ କଲେ।
ଦେଖ, ବେଳାଭୂମି କେତେ ସୁନ୍ଦର ଦେଖାଯାଉଛି
ଏହା ପୁଣିଥରେ ନିଃଶ୍ୱାସ ନେବା ଆରମ୍ଭ କରିଛି।
କିଛି ଦିନ ପରେ-
ଯଦି ଏପରି ଛୋଟିଆ ସ୍ୱଚ୍ଛତା ଅଭିଯାନ, ଏତେ ମାତ୍ରାରେ ଧ୍ୟାନ ଆକର୍ଷଣ କରିପାରୁଛି ତା'ହେଲେ ଆମେ ଅଧିକ କିଛି କରିପାରିବା! ଏକ ଚଳଚ୍ଚିତ୍ର ରାତ୍ରୀ ଆୟୋଜନ କଲେ କେମିତି ହେବ? ସ୍ୱଚ୍ଛତା ସମ୍ପର୍କରେ ଅଧିକ ସଚେତନତା ସୃଷ୍ଟି କରିବା ଲାଗି ଆମେ ସାମୁଦ୍ରିକ ଜୀବ ସମ୍ପର୍କରେ ସ୍ଥାନୀୟ ମତ୍ସ୍ୟଜୀବଙ୍କ ପାଇଁ ପ୍ରମାଣିକ ଚଳଚ୍ଚିତ୍ର ଚଲାଇପାରିବା।
ନିଶ୍ଚିତ ଭାବେ! ଆମର କାମ ଏଇଠି ଶେଷ ହୁଏ ନାହିଁ। ପ୍ରକୃତରେ, ଏହା ଆରମ୍ଭ ମାତ୍ର।
ଅନୁଦୀପ ଏବଂ ମିନୁଷା ସେମାନଙ୍କର ଭଲ କାମ ଜାରି ରଖିଲେ। ସେମାନଙ୍କର ଲକ୍ଷ୍ୟ ହେଉଛି, 'ଆମେ ସମସ୍ତେ ମିଶି ଫରକ ଆଣିପାରିବା'।

# ସଲମାନ



ସାର, ମୋ କକା, ଯିଏକି ଏକ ଦୁର୍ଘଟଣାରେ ତାଙ୍କର ଗୋଡ଼ ହରାଥିଲେ, ଏକ କୃତ୍ରିମ ଗୋଡ଼ ଲଗାଇଛନ୍ତି। ଏହା ଖୁବ୍ ଭଲ ଦେଖାଯାଉଛି, ରୋବୋଟ୍ ଗୋଡ଼ ଭଳି, କିନ୍ତୁ ସେଥିରେ ସେ ଚାଲିପାରିବାକୁ ସକ୍ଷମ ହେଉନାହାନ୍ତି।
ହଁ, ସୁଜିତ। ଏଥିରେ ଅଭ୍ୟସ୍ତ ହେବା ଲାଗି କିଛି ସମୟ ଲାଗିବ ।
ଏକ କୃତ୍ରିମ ଗୋଡ଼ ସାହାଯ୍ୟରେ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଜଣେ କ୍ରୀଡ଼ାବିତ୍ଙ୍କ ବିଷୟରେ ମୁଁ ଶୁଣିଛି।
ତାହା ସତ କଥା ପାରୁଲ। ଶାରୀରିକ ଅକ୍ଷମତା ଥିବା ଲୋକମାନେ ସେମାନଙ୍କ ନିଜ ନିଜ କ୍ଷେତ୍ରରେ ଶ୍ରେଷ୍ଠ ସଫଳତା ହାସଲ କରଛନ୍ତି। ଆମର ଆଜିର କାହାଣୀ ସଲମାନଙ୍କ ସମ୍ପର୍କରେ, ଚାଲିବାକୁ ଅକ୍ଷମ ହୋଇଥିବା ସତ୍ତ୍ୱେ ସେ ଜଣେ ସଫଳ ଉଦ୍ୟମୀ ହୋଇପାରିଛନ୍ତି।
ଉତ୍ତର ପ୍ରଦେଶର ହମିରପୁର ନାମକ ଏକ ଗାଁରେ ସଲମାନ ଜନ୍ମଗ୍ରହଣ କରିଥିଲେ। ସେ ଯେତେବେଳେ ଛୋଟ ଥିଲେ-
ସଲମାନଙ୍କୁ ଖୁବ ଜ୍ୱର ଆସିଲା ଏବଂ ସେ କ୍ରମାଗତ ଭାବେ କାନ୍ଦିବାକୁ ଲାଗିଲେ।
ଚାଲ ତା'କୁ ଡାକ୍ତରଖାନାକୁ ନେଇଯିବା।
ଖୁବଶୀଘ୍ର -
ସଲମାନ୍ ପୋଲିଓରେ ଆକ୍ରାନ୍ତ ହୋଇଯିବା ଜଣାପଡ଼ିଲା। ତାଙ୍କର ଗୋଡ଼ ଦୁଇଟି ଦୁର୍ବଳ ହୋଇଗଲା। ଦିନକୁ ଦିନ ମାଂସପେଶୀ ଦୁର୍ବଳ ହେଲା, ଏହା ତାଙ୍କର ଚାଲିବା କ୍ଷମତାକୁ ପ୍ରଭାବିତ କଲା।
ଓଃ, ସେ ଏ ଦୁନିଆରେ କେମିତି ବଞ୍ଚି ରହିବ?
ଯଦି ସଲମାନଙ୍କ ଗୋଡ଼ ଦୁଇଟି ଦିନକୁ ଦିନ ଦୁର୍ବଳ ହୋଇଚାଲିଲା, ତାଙ୍କର ଇଚ୍ଛାଶକ୍ତି ଅଧିକ ସୁଦୃଢ଼ ହେଉଥିଲା। ଯେତେବେଳେ ସେ ନିଜର ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପାସ୍ କଲେ-
ମୁଁ ଏବେ ସ୍ୱାବଲମ୍ବୀ ହେବାକୁ ଚାହୁଁଛି, ମା'। ମୁଁ ଏକ ସରକାରୀ ଚାକିରି ପାଇଁ ଆବେଦନ କରିବି ।


ସେ ଯେତେ ଚେଷ୍ଟା କଲେ ସୁଦ୍ଧା, ତାଙ୍କୁ କାମ ମିଳିଲା ନାହିଁ। ଦିନେ-
ଯଦି ମୋତେ କେହି ଚାକିରି ଦେବାକୁ ଚାହୁଁନାହାନ୍ତି ତା'ହେଲେ ମୁଁ ନିଜର ଏକ କମ୍ପାନୀ ଖୋଲିବି ।
ପରବର୍ତ୍ତୀ କିଛି ବର୍ଷ ପର୍ଯ୍ୟନ୍ତ, ସଲମାନ ଚପଲ ଓ ଡିଟରଜେଣ୍ଟ ପ୍ରସ୍ତୁତ କରିବା ଶିଖିଲେ । ଏକ ଋଣ ସହାୟତାରେ, ସେ ଟାର୍ଗେଟ୍ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କଲେ ।
ଆସ, ଚପଲ କେମିତି ତିଆରି କରିବାକୁ ହୁଏ ମୁଁ ଆପଣଙ୍କୁ ଶିଖାଇବି।
ସେହି କମ୍ପାନୀ ପ୍ରସିଦ୍ଧ ହେଲା। ଦିନେ-
ଦୁର୍ଘଟଣାରେ ମୋର ଗୋଟିଏ ହାତ ହରେଇ ଥିବାରୁ ମୁଁ କେଉଁଠି କିଛି କାମ ପାଉନାହିଁ। ତୁମେ ମୋତେ ଚାକିରି ଦେବ କି?
ଚାଲ ଦେଖିବା, ତୁମେ ଏଠାରେ କ'ଣ କରିପାରିବ । କାମ ପାଇବା ଏବଂ ଭଲ କରିବା ଲାଗି ତୁମ ଏବଂ ମୋ ଭଳି ଲୋକମାନଙ୍କୁ ସମାନ ସୁଯୋଗ ମିଳିବା ଦରକାର ।
ପରବର୍ତ୍ତୀ ଦୁଇ ବର୍ଷ ପର୍ଯ୍ୟନ୍ତ, ସଲମାନ ଆହୁରି ଅନେକ ଭିନ୍ନକ୍ଷମ ଲୋକଙ୍କୁ ଚାକିରି ଦେଲେ ।
ଏବେ ଆମ ପାଖରେ 30 ଜଣ ଭିନ୍ନକ୍ଷମ ଲୋକ କାମ କରୁଛନ୍ତି । ଦିନେ ମୁଁ ଏମିତି ଆହୁରି ଅନେକ ଲୋକଙ୍କୁ ଚାକିରି ଦେବି ବୋଲି ଆଶା କରୁଛି।
ପ୍ରଧାନମନ୍ତ୍ରୀ ତାଙ୍କର ମନ କୀ ବାତ୍ କାର୍ଯ୍ୟକ୍ରମରେ ସଲମାନଙ୍କ କାହାଣୀ କହିଥିଲେ।
ସଲମାନ ଭାଇ, ଆପଣଙ୍କ ସାହସ ବିଷୟରେ ପ୍ରଧାନମନ୍ତ୍ରୀ ଆଲୋଚନା କରିବା ପ୍ରକୃତରେ ଏକ ଖୁସିର ବିଷୟ।
ଆମ ପାଇଁ ଆପଣ ଜଣେ ପ୍ରେରଣା। ଆପଣଙ୍କୁ ନେଇ ଆମେ ସମସ୍ତେ ଗର୍ବିତ।
ତୁମମାନଙ୍କୁ ଧନ୍ୟବାଦ!

# ଏନ. ଏସ. ରାଜାପ୍ପାନ










*କେରଳର ଏକ ପ୍ରସିଦ୍ଧ ହ୍ରଦ ଏବଂ ପର୍ଯ୍ୟଟକମାନଙ୍କ ପାଇଁ ଏକ ଲୋକପ୍ରିୟ ଲକ୍ଷ୍ୟସ୍ଥଳୀ


ରାଜାସ୍ଥାନ ନୌକା ଚଳାଇବା ଆରମ୍ଭ କରିବା ମାତ୍ରେ -
ପ୍ଲାଷ୍ଟିକ ମାଛ? ମୁଁ ସେଗୁଡ଼ିକୁ ଦେଖିପାରିବି କି ରାଜାସ୍ଥାନ?
ନିଶ୍ଚିତ! ଜଲଦି ଆସ।
ଶୀଘ୍ର-
ଦେଖ, ଆଜି ମୁଁ ଏଗୁଡ଼ିକୁ ଧରିଛି! ଛାଡ଼, ପ୍ଲାଷ୍ଟିକ। ଚାଲ ତୁମକୁ ଏଠୁ ବାହାର କରିନେବି।
ଓଃ, ତା'ହେଲେ ଏଗୁଡ଼ିକୁ ତୁମେ ପ୍ଲାଷ୍ଟିକ୍ ମାଛ କହୁଛ?
କିଛି ଘଣ୍ଟା ପରେ-
ହ୍ରଦ ଏବେ ଅତି ପରିଷ୍କାର ଦିଶୁଛି । ଏହାକୁ କରିବା ଲାଗି ଆପଣଙ୍କ ସାହସକୁ ମାନିବାକୁ ପଡ଼ିବ । ଯଦିଓ.... ଯଦିଓ...
... ମୋ ଗୋଡ଼ ଦୁଇଟି ମୋତେ ସହଯୋଗ କରୁନାହାନ୍ତି? ନୌକା ଚଳାଇବା ମୋ ପାଇଁ ଅତି ସହଜ କାମ, ତେଣୁ ଏହାକୁ ଭଲ କାମରେ ବିନିଯୋଗ କରିବା ପାଇଁ ମୁଁ ନିଷ୍ପତ୍ତି ନେଲି। ମୁଁ ପାଣିରୁ ପ୍ଲାଷ୍ଟିକ ବାହାର କରିବା ସହିତ ଏଥିରୁ ରୋଜଗାର ମଧ କରିପାରୁଛି ।
ମଧ୍ୟାହ୍ନରେ, ସେମାନେ ଭୋଜନ ପାଇଁ ବିରତି ନେଲେ।
ଆପଣ କେତେ ଦିନ ହେବ ଏହି କାମ କରି ଆସୁଛନ୍ତି? ଏହି କାମ କଷ୍ଟ ନୁହେଁ କି?
ପାଞ୍ଚ ବର୍ଷ ହେଲା, ମୁଁ ଏ କାମ କରୁଛି, କିନ୍ତୁ ମୋର କୌଣସି ଆପତ୍ତି ନାହିଁ । ଏ ହ୍ରଦ ମୋର ଘର, ଏବଂ ଏହାକୁ ସଫା ଦେଖିଲେ ମୋତେ ବେଶ୍ ସନ୍ତୋଷ ମିଳିଥାଏ।
ସେ ଅତ୍ୟନ୍ତ ନିଃସ୍ୱାର୍ଥପର।


ଅନେକ ଘଣ୍ଟା ଧରି ସଫେଇ କରିବା ପରେ, ରାଜାପ୍ପାନ ତାଙ୍କ ନୌକା କୂଳକୁ ନେଇ ଆସିଲେ।
ଏବେ ଆପଣ କ'ଣ କରିବେ?
ମୁଁ ଏବେ ପ୍ଲାଷ୍ଟିକଗୁଡ଼ିକୁ ସଜେଇ ରଖିବି ଏବଂ ସେଗୁଡ଼ିକ ଯେମିତି ପାଣି ଭିତରକୁ ନଯାଏ ତାହା ସୁନିଶ୍ଚିତ କରିବି। ଏବେ ଆପଣ ମୋତେ ସାହାଯ୍ୟ କରିବାକୁ ଚାହୁଁଛନ୍ତି କି?
ନିଶ୍ଚିତ।
ଖୁବଶୀଘ୍ର-
ରାଜାପ୍ପାନ ସାର୍, ମୁଁ ଆପଣଙ୍କ ସହିତ ଆସନ୍ତାକାଲି ଏବଂ ପଅରଦିନ ପ୍ଲାଷ୍ଟିକ ସଂଗ୍ରହରେ ଯୋଗ ଦେଇପାରିବି କି?
ନିଶ୍ଚିତ ଭାବେ ପୁଅ । ଆମେ ଦୁହେଁ ମିଶି ଏକ ବାସ୍ତବ ପରିବର୍ତ୍ତନ ଆଣିପାରିବା।
ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ମନ କୀ ବାତ୍ କାର୍ଯ୍ୟକ୍ରମରେ ରାଜାପ୍ପାନଙ୍କ ବିଷୟରେ ଉଲ୍ଲେଖ କରିଥିଲେ ଏବଂ ପାଣିକୁ ପ୍ଲାଷ୍ଟିକ ପ୍ରଦୂଷଣ ମୁକ୍ତ ରଖିବା ଲାଗି ତାଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଖୁବ୍‌ଶୀଘ୍ର-
ରାଜାପ୍ପାନ, ଆମ ପାଖରେ ଆପଣଙ୍କ ପାଇଁ ଏକ ଏକ ଉପହାର ଅଛି ।
ସାର୍, ଆମେ ଆପଣଙ୍କୁ ଏକ ନୂଆ ମୋଟରଚାଳିତ ଡଙ୍ଗା ଏବଂ ଏକ ହ୍ୱିଲଚେୟାର ଦେବାକୁ ଚାହୁଁଛୁ। ଆମ ସମାଜ ପ୍ରତି ଆପଣଙ୍କ ଯୋଗଦାନ ପାଇଁ ଏହା ଏକ ସମ୍ମାନ।
ନିଜର ଏହି ମୋଟରଚାଳିତ ଡଙ୍ଗା ସହାୟତାରେ, ରାଜାପ୍ପାନ କେବଳ ଭେମ୍ବନାଡ଼ ହ୍ରଦକୁ ନୁହେଁ, ବରଂ ଆଖପାଖରେ ଥିବା ସବୁ ଜଳମାର୍ଗକୁ ସଫା କରିବା ଜାରି ରଖିଛନ୍ତି ।

# ସି. ଭି. ରାଜୁ




* ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଜିଲ୍ଲାରେ ଅବସ୍ଥିତ


କିନ୍ତୁ ରାଜୁ ଯେତେବେଳେ କଲେଜରୁ ଫେରିଥିଲେ, ସବୁକିଛି ବଦଳି ଯାଇଥିଲା-
ପିଲାମାନେ କାହିଁକି ପ୍ଲାଷ୍ଟିକ ଖେଳନାରେ ଖେଳୁଛନ୍ତି?
ସେଗୁଡ଼ିକୁ ତିଆରି କରିବା ଶସ୍ତା । କାରିଗରମାନେ ଅନ୍ୟ କାମ ସନ୍ଧାନରେ ସହରକୁ ଚାଲିଯାଉଛନ୍ତି ।
ରାଜୁଙ୍କ ଭିତରେ ଥିବା ସେହି ଉଜ୍ଜ୍ୱଳ-ଦୃଷ୍ଟି ସମ୍ପନ୍ନ ବାଳକ, ଯିଏକି ନିଜ ଚାରି ପାଖରେ ଏଟିକୋପ୍ପକା ଖେଳନା ଦେଖି ବଡ଼ ହୋଇଥିଲା, ଏହାର ବିରୋଧ କରିଥିଲା । ଏହା ତାଙ୍କୁ କିଛି କରିବା ପାଇଁ ଅନୁପ୍ରାଣିତ କଲା ।
ସେ 'ପଦ୍ମାବତୀ ଆସୋସିଏଟ୍ସ' ନାମରେ ଶିଳ୍ପୀମାନଙ୍କର ଏକ ସମବାୟ ସମିତି ପ୍ରତିଷ୍ଠା କଲେ ।
ଏହି ପ୍ରାଚୀନ ହସ୍ତଶିଳ୍ପ ଆମ ଗାଁର କେନ୍ଦ୍ରରେ ରହିଛି । ଆମେ ଏହାକୁ ବିଲୁପ୍ତ ହୋଇଯିବାକୁ ଦେବା କି?
ସେମାନଙ୍କୁ ବହୁମାତ୍ରାରେ ଉତ୍ପାଦିତ ଦୁର୍ବଳ କପିଗୁଡ଼ିକ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡ଼ିଲା, କିନ୍ତୁ ରାଜୁ ଏବଂ ତାଙ୍କର ସହଯୋଗୀ ଶିଳ୍ପୀମାନେ ଏହି ଆହ୍ୱାନକୁ ଗ୍ରହଣ କଲେ ।
ଅଙ୍କୁଡ଼ୁ କାଠକୁ ରନ୍ଦା ମାରି ବିଭିନ୍ନ ଆକୃତି ଦେବା ସହଜ କାରଣ ଏହା ନରମ ଏବଂ ସହଜରେ ଭାଙ୍ଗେ ନାହିଁ ।
ତା'ହେଲେ ଅଧିକ ପରିମାଣରେ ଅଙ୍କୁଡ଼ୁ କାଠ ସଂଗ୍ରହ କରିବା ଲାଗି ଆମେ ଜଙ୍ଗଲ ବିଭାଗ ସହିତ କାମ କରିବା ।
ଉତ୍ପାଦନ ବଢ଼ିବା ସହିତ, ରାଜୁ ସେହି କାଠ ଖେଳନାଗୁଡ଼ିକୁ ଦେଶବ୍ୟାପୀ ଆୟୋଜିତ ବାଣିଜ୍ୟ ମେଳା ଓ ପ୍ରଦର୍ଶନୀକୁ ନେଇ ଗଲେ ।
ଅନ୍ତର୍ଜାତୀୟ ବଜାର ପାଇଁ ମୁଁ ଅଭିନବ ସାମଗ୍ରୀ ରପ୍ତାନି କରିଥାଏ । ଏକ ବଡ଼ ଅର୍ଡର ପାଇବା ପାଇଁ ମୁଁ ଚେଷ୍ଟା କରୁଛି ।
ଏଇଠି ଆମକୁ ବଡ଼ ସୁଯୋଗ ମିଳିଯାଇଛି!
କିନ୍ତୁ ଏହି ଖୁସି ଅଧିକ ଦିନ ରହିଲା ନାହିଁ । ଖୁବଶୀଘ୍ର ମାଲଗୁଡ଼ିକୁ ଫେରାଇ ଦିଆଗଲା ।
କୁହାଗଲା ଯେ ସେମାନେ ରଙ୍ଗରେ ଲିଡ୍‌ର ଉପାଦାନ ପାଇଛନ୍ତି ।
ଏସବୁ ଆଧୁନିକ ସିନ୍ଥେଟିକ୍ ରଙ୍ଗରେ ଏହି ସମସ୍ୟା ରହିଛି ।
ତେଣୁ ପାରମ୍ପରିକ ମାର୍ଗକୁ ଅନୁସରଣ କରିବାର ସମୟ ଆସିଯାଇଛି ।




*ଏକ ଭୌଗଳିକ ସଙ୍କେତକ (ଜିଆଇ) ଟ୍ୟାଗ୍ କୌଣସି ଏକ ଉତ୍ପାଦର ଉନ୍ନତ ମାନ କିମ୍ବା ଏହା ତିଆରି ହେଉଥିବା ସ୍ଥାନର ପରିଚୟ ବହନ କରିଥାଏ।

^ଭାରତର ଚତୁର୍ଥ ସର୍ବୋଚ୍ଚ ନାଗରିକ ସମ୍ମାନ

# ଭଗୀରଥୀ ଆମ୍ମା



ମୋ ପାଖରେ କିଛି ଭଲ ଖବର ଅଛି। ଉଦ୍ଭିଦ ଜୀବନ ବିଜ୍ଞାନରେ ମୁଁ ଖୁବଶୀଘ୍ର ନିଜର ପରୀକ୍ଷା ଶେଷ କରିବାକୁ ଯାଉଛି। ତେଣୁ, ଯେତେବେଳେ ଆମେ ଆମର ପ୍ରକୃତି ଯାତ୍ରାରେ ଯାଉଛୁ ମୁଁ ଉଦ୍ଭିଦ ଏବଂ ବୃକ୍ଷ ବିଷୟରେ ତୁମମାନଙ୍କୁ ଶିକ୍ଷା ଦେବାରେ ସକ୍ଷମ ହୋଇପାରିବି।
ଆପଣ ଏବେ ବି ପାଠ ପଢୁଛନ୍ତି ସାର୍? ତାହା କିପରି ସମ୍ଭବ ହୋଇପାରିବ?
ବଡ଼ ହୋଇ ଶିକ୍ଷକ ହୋଇଥିବା ଲୋକମାନେ ମଧ ପାଠପଢ଼ନ୍ତି ବୋଲି ମୁଁ ଜାଣିନଥିଲି!
ନିଶ୍ଚିତ ଭାବେ, ବଡ଼ ଲୋକମାନେ ମଧ ପାଠ ପଢ଼ନ୍ତି। ନିକଟରେ, ମନ୍ କୀ ବାତ୍‌ରେ, ମୁଁ 105 ବର୍ଷ ବୟସ୍କ ଜଣେ ବ୍ୟକ୍ତିଙ୍କ ବିଷୟରେ ଶୁଣିଲି ଯିଏ ପଢ଼ିଥିଲେ ଓ ପରୀକ୍ଷା ଦେଇଥିଲେ।
ତାହା ଠିକ୍ କଥା, ଶାରଦା । ତାଙ୍କ ନାମ ହେଉଛି ଭଗୀରଥୀ ଆମ୍ମା। ବସିପଡ଼ ମୁଁ ତୁମମାନଙ୍କୁ ତାଙ୍କର କାହାଣୀ କହିବି।
କେରଳର ପ୍ରକ୍କୁଲମ ଗ୍ରାମରେ ଜଣେ ଛୋଟ ବାଳିକା ଥିଲେ ଭଗିରଥୀ, ସେ ପାଠପଢ଼ିବାକୁ ଓ ଲେଖିବାକୁ ଭଲ ପାଉଥିଲେ। କିନ୍ତୁ ତାଙ୍କୁ ଯେତେବେଳେ ଆଠ ବର୍ଷ ହେଲା-
ତୁମେ ବିଦ୍ୟାଳୟକୁ ଆସୁନାହଁ କି ଭଗୀରଥୀ?
ମୁଁ ପାଠ ପଢ଼ିବାକୁ ଚାହୁଁଛି ।
ନା। ଏବେ ତାଙ୍କ ମା' ଆରପାରିକୁ ଚାଲି ଯାଇଛନ୍ତି, ଏବଂ ତାଙ୍କୁ ନିଜ ଘର ଓ ଭାଇଭଉଣୀଙ୍କ କଥା ବୁଝିବାକୁ ପଡ଼ିବ ।
ଭଗୀରଥୀ ଆଉ କେବେ ବିଦ୍ୟାଳୟକୁ ଯାଇପାରିଲେ ନାହିଁ । ପରେ, ସେ ବାହା ହୋଇଗଲେ ଏବଂ ଛଅ ଜଣ ପିଲାଙ୍କ ମା' ହେଲେ। ଆଉ ତା'ପରେ ତାଙ୍କ ସ୍ୱାମୀଙ୍କର ମଧ ପରଲୋକ ଘଟିଲା।
ତୁମର ପାଠପଢ଼ା କୌଣସି କାରଣ ପାଇଁ ପ୍ରଭାବିତ ହେଉ ବୋଲି ମୁଁ ଚାହୁଁନାହିଁ ।
ଆମ୍ମା, ଆମେ କଠିନ ପରିଶ୍ରମ କରିବୁ ଏବଂ ତୁମକୁ ଗର୍ବିତ କରିବୁ!
ତାଙ୍କ ପିଲାମାନେ ବଡ଼ ହେବା ସହିତ -
ମୁଁ ଏହି ପୁସ୍ତକ ପଢ଼ିପାରିବି କି? ମୁଁ ବୁଝିନପାରିଲେ ତୁମେ ମୋତେ ସାହାଯ୍ୟ କରିବ କି?
ନିଶ୍ଚିତ ଭାବେ, ଆମ୍ମା ।
ଆମ୍ମା, ପ୍ରଥମେ ଏହି ପୁସ୍ତକ ପଢ଼। ଏହା ପଢ଼ିବା ଖୁବ୍ ରୋଚକ।


ପାଠପଢ଼ିବା ପାଇଁ ଭଗୀରଥୀ ଆମ୍ମାଙ୍କ ଇଚ୍ଛା ଅପୂରଣୀୟ ହୋଇ ରହିଯାଇଥିଲା। 2019ରେ, ଯେତେବେଳେ ତାଙ୍କୁ 105 ବର୍ଷ ହେଲା-
ଦେଖ ଆମ୍ମାମ୍ମା*, କେରଳ ରାଜ୍ୟ ସାକ୍ଷରତା ମିଶନ ଶିକ୍ଷା ସମ୍ପୂର୍ଣ୍ଣ କରିପାରିନଥିବା ବୟସ୍କଙ୍କ ପାଇଁ ଚତୁର୍ଥ ଶ୍ରେଣୀ ସମାନ ପାଠ୍ୟକ୍ରମ ଆରମ୍ଭ କରିଛନ୍ତି!
ମୁଁ ଏବେ ବି ପଢ଼ିପାରିବି? ଏହା ମୋ ପାଇଁ ସୁଯୋଗ ହୋଇପାରେ!
ନିଜର ବୟସାଧିକ୍ୟ ସତ୍ତ୍ୱେ, ଭଗୀରଥୀ ଆମ୍ମା ପଢ଼ିବା ପାଇଁ ନିଷ୍ପତ୍ତି ନେଲେ।
ମୋତେ ଅନେକ ପାଠ ପଢ଼ିବାର ଅଛି। ମୋତେ ଭଲ କରିବାକୁ ହେବ ।
ମୁଁ ନିଶ୍ଚିତ ଯେ ତୁମେ କରିପାରିବ, ଆମ୍ମାମ୍ମା। ତା'ଛଡ଼ା ଆମେ ସମସ୍ତେ ଏଠାରେ ତୁମ ପାଇଁ ଅଛୁ।
କିଛି ମାସର କଠିନ ପରିଶ୍ରମ ପରେ, ଭଗୀରଥୀ ଆମ୍ମା ଗଣିତ, ମାଲାୟଲମ ଏବଂ ପରିବେଶ ବିଜ୍ଞାନରେ ପରୀକ୍ଷା ଦେଲେ।
ଖୁବଶୀଘ୍ର -
ଆମ୍ମାମ୍ମା, ତୁମେ ସଫଳ ହୋଇଛ! ତୁମେ 275 ନମ୍ବରରୁ 205 ନମ୍ବର ରଖିଛ!
ଦେଖ, ମୁଁ ତୁମକୁ କହିଥିଲି। ମୁଁ ବୃଦ୍ଧା ହୋଇପାରେ, କିନ୍ତୁ ପାଠପଢ଼ା ପାଇଁ ମୋର ଆଗ୍ରହ ତଥାପି ଯୁବାବସ୍ଥାରେ ଅଛି।
2019ରେ, ଏହି ଉଲ୍ଲେଖନୀୟ ସଫଳତା ପାଇଁ, ଭଗୀରଥୀ ଆମ୍ମାଙ୍କୁ ଭାରତରେ ମହିଳାମାନଙ୍କ ପାଇଁ ସର୍ବୋଚ୍ଚ ପୁରସ୍କାର ଭାବେ ବିବେଚିତ ନାରୀ ଶକ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା।
मन की बात
ଯଦି ଆମେ ଜୀବନରେ ଆଗକୁ ବଢ଼ିବାକୁ ଚାହୁଁଛୁ, ତା'ହେଲେ ଆମେ ନିଜକୁ ବିକଶିତ କରିବା ଉଚିତ୍ । ଯଦି ଜୀବନରେ ଆମେ କିଛି ହାସଲ କରିବାକୁ ଚାହୁଁଛୁ, ସେଥିପାଇଁ ପ୍ରାଥମିକ ସର୍ତ୍ତ ହେଉଛି ଆମ ଭିତରେ ଥିବା ଛାତ୍ର କେବେ ବି ମରିବା ଉଚିତ୍ ନୁହେଁ ।

* ମାଲାୟଲମରେ 'ଜେଜେମା'

# ରାଜେନ୍ଦ୍ର ଯାଦବ


କୋଭିଡ ଠାରୁ ଆଉ ବିପଦ ନାହିଁ ବୋଲି ଜାଣି ତୁମେମାନେ ଖୁସି ନାହିଁ କି?
ହଁ ଆଜ୍ଞା ସାର୍! ଆମକୁ ସୁରକ୍ଷିତ ରଖିବା ପାଇଁ କାର୍ଯ୍ୟ କରିଥିବା ସମସ୍ତଙ୍କୁ ଧନ୍ୟବାଦ।
ସତ କଥା! ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କ କଠିନ ପରିଶ୍ରମ କାରଣରୁ ରୋଗ ସଂକ୍ରମଣ ବଢ଼ିନଥିଲା। ସେଥିପାଇଁ ଆମେ ସେମାନଙ୍କ ନିକଟରେ ବିଶେଷ ଭାବେ ଋଣୀ। ସେହି ସମୟରେ ନିଜର ଶ୍ରେଷ୍ଠ ଯୋଗଦାନ ଦେଇଥିବା ରାଜେନ୍ଦ୍ର ଯାଦବଙ୍କ କାହାଣୀ ମୁଁ ତୁମମାନଙ୍କୁ କହିବାକୁ ଚାହୁଁଛି।
ଏ କାହାଣୀ ମନ କୀ ବାତ୍‌ରୁ କହୁଛନ୍ତି କି?
ନାୟାର ସାର୍ ହସିଲେ ଏବଂ ନିଜ ମୁଣ୍ଡ ହଲାଇଲେ।
2022ରେ, ମହାରାଷ୍ଟ୍ର ସତାନାର, ଜଣେ 62 ବର୍ଷ ବୟସ୍କ ବ୍ୟକ୍ତି ବିବ୍ରତ ହୋଇ ସମାଚାର ଦେଖୁଥିଲେ।
... କୋଭିଡ-19 ମାମଲା ବଢ଼ିବା ସହିତ, ନାସିକ ଏକ ରେଡ୍ ଜୋନ୍‌ରେ ପରିଣତ ହୋଇଥିଲା।
ମୋ ସହର ବିପଦରେ ପଡ଼ିଛି।
ସେ ଥିଲେ ରାଜେନ୍ଦ୍ର ଯାଦବ, ଯିଏକି ଜଣେ ସ୍ୱ-ପ୍ରଶିକ୍ଷିତ ଇଞ୍ଜିନିୟର ଥିଲେ ଯାହାଙ୍କର କୃଷି ଉପକରଣ ପ୍ରସ୍ତୁତିରେ ବହୁବର୍ଷର ଅଭିଜ୍ଞତା ରହିଥିଲା
ନିଜ ହାତ ସଫା କରିବା ଏବଂ ମାସ୍କ ପିନ୍ଧିବା ପାଇଁ ମନେ ରଖନ୍ତୁ!
ଛୋଟ-ଧରଣର ସ୍ୱଚ୍ଛତା ଯଥେଷ୍ଟ ନୁହେଁ। ଏହି ଭୂତାଣୁ ସଂକ୍ରମଣକୁ ରୋକିବା ପାଇଁ ଆମକୁ ବଡ଼ ଆକାରର କିଛି କରିବାର ଆବଶ୍ୟକତା ରହିଛି।




* ଏନଆଇଏଫ ଏପରି ଏକ ସଂଗଠନ ଯାହା ପ୍ରଯୁକ୍ତି କ୍ଷେତ୍ରରେ ତୃଣମୂଳ ସ୍ତରର ଉଦ୍ଭାବନକୁ ସମର୍ଥନ ଓ ପ୍ରୋତ୍ସାହନ ଦେଇଥାଏ।


ଗାୟତ୍ରୀ
ସେହି କୁକୁରକୁ ଦେଖ। ସେଇଟି ମାତ୍ର ତିନୋଟି ଗୋଡ଼ରେ ଚାଲୁଛି ।
ହଁ। ଲାଗୁଛି ଯେମିତି ଚତୁର୍ଥ ଗୋଡ଼ କଟିଯାଇଛି।
ବୋଧହୁଏ ଏକ ଦୁର୍ଘଟଣା କାରଣରୁ ଏପରି ହୋଇଥିବ। ପୁଣିଥରେ ଏହା ଦୌଡ଼ିବାକୁ ସକ୍ଷମ ହୋଇପାରିବ କି?
ତୁମେମାନେ ଜାଣ, ଏହା ମୋତେ ଗାୟତ୍ରୀଙ୍କ ସମ୍ପର୍କରେ ମନ କୀ ବାତ୍‌ର କାହାଣୀ ବିଷୟରେ ମନେ ପକାଇ ଦେଇଥାଏ, ଯିଏକି ନିଜ ପିତାଙ୍କ ସହିତ ମିଶି, ପଛ ଗୋଡ଼ ହରାଇଥିବା ଏକ କୁକୁର ପାଇଁ ଚକ ଲାଗିଥିବା ଗାଡ଼ି ତିଆରି କରିଥିଲେ।
ବାଃ! ତାହା ଖୁବ୍ ଭଲ ଖବର।
ଗାୟତ୍ରୀ ଜଣେ ଆଇଟି* ପେସାଦାର ଥିଲେ ଯିଏକି ତାମିଲନାଡୁ କୋଏମ୍ବାଟୁରରେ ରୁହନ୍ତି।
ଆପ୍ପା, ମୁଁ ଭାବୁଥିଲି, ମହାମାରୀ କାରଣରୁ ମୁଁ ଏବେ ଘରେ ଥାଇ କାମ କରୁଛି, ଏକ କୁକୁରର ଯତ୍ନ ନେବା ପାଇଁ ମୋତେ ସମୟ ମିଳିବ। ଆମେ ଗୋଟିଏ ପାଇପାରିବା କି?
ମୁଁ ଜାଣେ ତୁମେ ସବୁବେଳେ କୁକୁରଟିଏ ରଖିବାକୁ ଚାହୁଁଛ। ଏହା ହୁଏତ' ଠିକ୍ ସମୟ ହୋଇପାରେ।
ବାଃ! ଚାଲ ଆସନ୍ତାକାଲି ଏକ କୁକୁର ଆଶ୍ରୟସ୍ଥଳୀକୁ ଯିବା ଏବଂ ଗୋଟିଏ କୁକୁରକୁ ପୋଷ୍ୟ ଭାବେ ଗ୍ରହଣ କରିବା।
ମୁଁ ଭାବୁଛି ଏହା ଆମ ଘର ପାଇଁ ଏକ ଖୁସିର ପରିବେଶ ଆଣିବ।

*ସୂଚନା ପ୍ରଯୁକ୍ତି




*ଗାୟତ୍ରୀଙ୍କ ବାପା, କାଶୀଲିଙ୍ଗମ୍ ଜଣେ ମେକାନିକାଲ ଇଞ୍ଜିନିୟର ଥିଲେ।


ଆମେ ଏହି ଫିତା ବ୍ୟବହାର କରି ବୀରା ପଛ ଗୋଡ଼ ପାଖରେ ଏହି ଚକକୁ ଲଗାଇ ପାରିବା। କିନ୍ତୁ ପିଭିସି ପାଇପ୍ କ'ଣ ହେବ?
ବୀରାକୁ ପୁଣିଥରେ ଚାଲିବା ଓ ଦୌଡ଼ିବା ପାଇଁ ସକ୍ଷମ କରିବା ନିମନ୍ତେ ମୁଁ ଏହି ପାଇପରେ ପ୍ଲାଷ୍ଟିକ୍ କପ୍ ଗୋଡ଼ ତିଆରି କରିବି।
ତାହା ଭଲ କଥା। ପାଇପ୍ ଯେଉଁଠି ତା'ର ଶରୀରକୁ ଛୁଇଁବ ସେଠାରେ ମୁଁ ଏକ ପ୍ୟାଡିଂ ଲଗାଇଦେବି ଯାହା ବୀରା ପାଇଁ ଆହୁରି ସୁବିଧାଜନକ ହେବ ।
ଖୁବଶୀଘ୍ର -
ଏବେ କୁକୁର ଗାଡ଼ିକୁ ପରୀକ୍ଷା କରିବା ପାଇଁ ବେଳ ଆସିଛି। ସ୍ଥିର ରୁହ ବୀରା!
ଅଳ୍ପ କିଛି ଦିନର ଅଭ୍ୟାସ ପରେ -
ବୀରା ଚାଲିକୁ ଦେଖ!
ସେ ଅତି ସହଜରେ ଦୌଡ଼ି ପାରୁଛି।
ତୁମକୁ ଏକ ଉତ୍ସାହୀ କୁକୁର ସେଠାରେ ମିଳିଯାଇଛି।
ଆପଣଙ୍କୁ ଧନ୍ୟବାଦ! ସେ ଦୀର୍ଘ ବାଟ ଅତିକ୍ରମ କରିଆସିଛି!
ଗାୟତ୍ରୀ ବିଶ୍ୱାସ କରନ୍ତି ଯେ ସେମାନଙ୍କର ପ୍ରୟାସ ଅକ୍ଷମ ପଶୁମାନଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିବା ଏବଂ ସେମାନଙ୍କ ଜୀବନରେ ସୁଧାର ଆଣିବା ଲାଗି ଅନୁପ୍ରାଣିତ କରିବ ।



मन की बात 100

MANN KI BAAT 100

# ମନ୍ କୀ ବାତ୍

## ଅଧ୍ୟାୟ 2

ମନ୍ କୀ ବାତ୍‌ର ଦ୍ୱିତୀୟ ଅଧ୍ୟାୟ ଏକତାର ଶକ୍ତିକୁ ପାଳନ କରିବାକୁ ଜାରି ରଖିଛି।

ନିଜର ରେଡିଓ କାର୍ଯ୍ୟକ୍ରମରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏପରି ସଂଖ୍ୟାଧିକ ପୁରୁଷ ଓ ମହିଳାଙ୍କ ବିଷୟରେ ଆଲୋଚନା କରିଛନ୍ତି ଯେଉଁମାନେ ନିଜ ଜୀବନରେ ଚମତ୍କାର କାର୍ଯ୍ୟ କରିଛନ୍ତି ।

ଏହା ହେଉଛି ବାସ୍ତବ ଜୀବନର ନାୟକମାନଙ୍କର କାହାଣୀ।

ପିଲାବେଳେ ନିଜ ଭାଇଭଉଣୀଙ୍କ ଯତ୍ନ ନେବା ପାଇଁ ପାଠପଢ଼ା ଛାଡ଼ିଥିବା ଭଗୀରଥୀ ଆମ୍ମା, ଯେତେବେଳେ 105 ବର୍ଷ ବୟସରେ ଅଣଜେଜେମା’ ହେଲେ ସେ ଚତୁର୍ଥ ଶ୍ରେଣୀ ପରୀକ୍ଷା ଦେଇ ପାସ୍ କରିଥିଲେ।

ଏନ. ଏସ ରାଜାପ୍ପାନ, ମାତ୍ର 5 ବର୍ଷ ବୟସରେ ପୋଲିଓ ଆକ୍ରାନ୍ତ ହୋଇଥିବା ସତ୍ତ୍ୱେ, ସାହସର ସହିତ ଆଗକୁ ବଢ଼ିଥିଲେ ଏବଂ ୬3 ବର୍ଷ ବୟସରେ ଭେମ୍ବନାଡ଼ ହ୍ରଦରୁ ବେପରୁଆ ପର୍ଯ୍ୟଟକମାନେ ପକାଇଥିବା ପ୍ଲାଷ୍ଟିକ ବୋତଲ ଏବଂ ପ୍ୟାକେଟ୍ ସଫା କରିଥିଲେ।

କୋଭିଡ ଲକଡାଉନ ସମୟରେ, ଉଷା ଦୁବେ ହୃଦୟଙ୍ଗମ କରିଥିଲେ ଯେ ଗରିବ ପରିବାର ପାଇଁ ଅନଲାଇନ କ୍ଲାସ କରିବା ସମ୍ଭବପର ନୁହେଁ, ତେଣୁ ସେ ନିଜ ସ୍କୁଟରେ ସେମାନଙ୍କ ପାଖକୁ ଶ୍ରେଣୀଗୃହ ନେଇ ପହଞ୍ଚାଇଥିଲେ। ପରିବର୍ତ୍ତନ ଆଣିବା ପାଇଁ ଅଧିକ ଟଙ୍କା କିମ୍ବା ପଦପଦବୀର ଆବଶ୍ୟକତା ନଥାଏ। ଆଉ ଏହି ନାୟକମାନେ ତାହା ପ୍ରମାଣିତ କରିଛନ୍ତି ।



₹90

www.amarchitrakatha.com

ISBN 978-81-19242-57-3

9 788119 242573